୪
ପ୍ରମେୟ
THE PRAMEYA
ଶନିବାର
୮ ନଭେମ୍ବର ୨୦୧୪

# ଅନୁଗୁଳ-ସୁକିନ୍ଦା ରେଳଲାଇନ୍ ନିର୍ମାଣରେ କଙ୍କର



ଭୁବନେଶ୍ୱର,୭।୧୧(ବ୍ୟୁରୋ): ଓଡ଼ିଶାରେ ନୂତନ ଅନୁଗୁଳ-ସୁକିନ୍ଦା ରେଳଲାଇନ ନିର୍ମାଣ ପାଇଁ କଣ୍ଟେନର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (କଙ୍କର) ଅଂଶଗ୍ରହଣ କରିବାକୁ ହାତ ବଢ଼ାଇଛି। ଓଡ଼ିଶା ସରକାରଙ୍କର ଏକ ନବରତ୍ନ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ଭାବେ କଙ୍କର ଅନୁଗୁଳ-ସୁକିନ୍ଦା ରେଲୱେ ଲିମିଟେଡ୍ (ଏଏସ୍ଆର୍ଏଲ୍)ରେ ୨୬ ଶତକଡ଼ା ଇକ୍ୟୁଟି ଶେୟାର ନିବେଶ କରିଛି। ପିପିପି ମଡେଲରେ ନିର୍ମାଣ କରାଯାଉଥିବା ଏହି ରେଳଲାଇନ ପ୍ରକଳ୍ପ ଅନୁଗୁଳସ୍ଥିତ ଷ୍ଟିଲ ପ୍ଲାଣ୍ଟଗୁଡିକ ସହ ଦୈତାରୀ-ବଂଶପାଣୀ ଲୁହାପଥର ଅଞ୍ଚଳକୁ ଏବଂ ତାଳଚେର କୋଇଲା ଖଣି ସହ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯୋଡିବ। କଙ୍କର ବ୍ୟତୀତ ରେଳ ବିକାଶ ନିଗମ ଲିମିଟେଡ୍ (ଆରଭିଏନ୍ଏଲ୍), ଓଡ଼ିଶା ସରକାର, ଓଡ଼ିଶା ମାଇନିଂ କର୍ପୋରେଶନ, ଜେଏସ୍ପିଏଲ୍ ଏବଂ ଇଡ୍କୋ ଏହି ଯୌଥ ଉଦ୍ୟୋଗ କମ୍ପାନୀରେ ଅଂଶୀଦାର ଅଛନ୍ତି। ଗତ ନଭେମ୍ବର ୩ ତାରିଖରେ ନୂଆଦିଲ୍ଲୀଠାରେ କଙ୍କରର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅନୀଲ କୁମାର ଗୁପ୍ତା କଙ୍କରର ଅଂଶ ୧୫୬ କୋଟି ଟଙ୍କାରୁ ୧୦୦ କୋଟି ଟଙ୍କା ଇକ୍ୟୁଟି ଶେୟାର ଭାବେ ଅନୁଗୁଳ-ସୁକିନ୍ଦା ରେଲୱେ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଦିଲିପ କୁମାର ସାମନ୍ତରାୟଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଶ୍ରୀ ଗୁପ୍ତା କହିଛନ୍ତି, ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ଓ ପରିବହନ ଦକ୍ଷତା ବୃଦ୍ଧିକୁ ପ୍ରାଥମିକତା ଦେବା ପାଇଁ କଙ୍କର ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ କଣ୍ଟେନର ଯାତାୟତ ଓ ପରିବହନ ବୃଦ୍ଧି କରିବା ପାଇଁ କଙ୍କର ପକ୍ଷରୁ ପରଜଙ୍ଗ ଓ ଡୁବୁରୀଠାରେ ଏହି ରେଳ ଲାଇନରେ ଦୁଇଟି ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (ଏମ୍ଏମ୍ଏଲ୍ଏସ୍)କୁ ବିକଶିତ କରାଯାଇଛି। ଓଡ଼ିଶା ସରକାରଙ୍କ ତରଫରୁ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି କଙ୍କରର ଏହି ଦୁଇ ଡିପୋର ପ୍ରସାର ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ରେଳପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରାଯିବା ସହ ପ୍ରକଳ୍ପ କାର୍ଯ୍ୟାରମ୍ଭ କରାଯିବ ବୋଲି ଅନୁଗୁଳ-ସୁକିନ୍ଦା ରେଲୱେ ଲିମିଟେଡ୍ ପକ୍ଷରୁ କୁହାଯାଇଛି। ୨୦୧୮ ଜୁନ୍ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।